# Akashvani, Sambalpur

## SAMBALPURI NEWS EVENING BULLETIN

## 10 September 2025- 7.02 pm- 7.12 pm.

*********************************************

୧- ସୁଭଦ୍ରା ଯୋଜ୍‌ନା ଅଗ୍ରଗତିର୍ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

- ଯୋଜ୍‌ନା ନୁ ବାଦ୍ ପଡ଼ିଥିବା ହିତାଧିକାରୀମାନ୍‌କୁ ସାମିଲ୍ କର୍‌ବାର୍‌କେ ହେବାର୍ ସର୍ବେକ୍ଷଣ ।

୨- ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଆଉ କିଛି ସମିଆ ଉତ୍‌ରୁ ବସ୍‌ବା ରାଜ୍ୟ କେବିନେଟ୍‌ର ବୈଠକ୍ ।

୩- ଆତ୍ମହତ୍ୟା ନିବାରଣ୍ ଦିବସ୍ ଅବ୍‌ସରେ ରାଏଜେ ମୁଲ୍ ହେଲା ଜୀବନ୍ ଜିନ୍ଦାବାଦ୍ ଅଭିଯାନ୍ ।

ଆଉର୍

୪- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜ୍‌ନାଥି ଭୁବ୍‌ନେଶ୍ୱର୍ ଠାନୁ ଅଯୋଧ୍ୟା - ବାରାଣାସୀ ଟ୍ରେନ୍ ଯାତ୍ରାର୍ ଶୁଭାରମ୍ଭ ।

ସୁଭଦ୍ରା ସମୀକ୍ଷା ବୈଠକ୍      ଏକ୍ସ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ସୁଭଦ୍ରା ଯୋଜ୍‌ନାର୍ ସମୀକ୍ଷା ବୈଠକ୍ ହେଇଯାଇଛେ । ଯୋଜ୍‌ନାଥି ୩ ନମ୍ବର୍ ଖେପ୍ ସାହାଜ୍ ପାଏବାର୍‌ନୁ ବାଦ୍ ପଡ଼ିଥିବା ୨ ଲାଖ୍ ୮୫ ହଜାର୍ ହିତାଧିକାରୀଙ୍କୁ ସାମିଲ୍ କର୍‌ବାର୍ ଲାଗି ଘର୍‌କେ ଘର୍ ଯାଇକରି ସର୍ଭେ କରାଯିବା । ସେମାନ୍‌କର୍ ଯାଂଚ୍ କରିକରି ୧୫ ଦିନ୍ ଭିତ୍‌ରେ ରିପୋର୍ଟ ଦେବାର୍‌କେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ସ୍ୱାସ୍ଥ୍ୟ ବିଭାଗ୍‌ର ତଥ୍ୟ ଅନ୍‌ସାରେ  ୧୫ ହଜାର୍ ୯ ଶହ ୮୪ ମୃତ ହିତାଧିକାରୀ ଯୋଜ୍‌ନାନୁ ବାଦ୍ ପଡ଼ିଛନ୍ । ସେନ୍ତା ପରିବହନ୍ ବିଭାଗ୍‌ର ତଥ୍ୟ ଅନ୍‌ସାରେ ୩୬ ହଜାର୍ ୭ ଶହ ୨ ଝନ୍ ହିତାଧିକାରୀ ଗାଡ଼ି ଘିନିଥିବାର୍‌ନୁ ବାଦ୍ ପଡ଼ିଥିବାର୍ ବେଲେ ୨୧ ହଜାର୍ ୩୫ ଝନ୍ ଆୟକର ଦେଉଥିବାର୍‌ନୁ ବାଦ୍ ପଡ଼ିଛନ୍ । ଯୋଗାଣ ବିଭାଗ୍‌ର ତଥ୍ୟ ଅନ୍‌ସାରେ ୧ ଲାଖ୍ ୩୩ ହଜାର୍ ୬ ଶହ ୯୧ ଝନ୍ ହିତାଧିକାରୀ ଧାନ୍ ବିକୁଥିବାର୍‌ନୁ ବାଦ୍ ପଡ଼ିଛନ୍ । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କର୍ ସଙ୍ଗେ ଆଲୋଚନା କରାଯିବା ଆଉ ତାଙ୍କର୍ ନିଷ୍ପତି ଅନ୍‌ସାରେ ପଦକ୍ଷେପ୍ ନିଆଯିବା ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ପ୍ରଭାତୀ ପରିଡ଼ା)

ଅଭିଯୋଗ୍‌ର ସମାଧାନ୍ ଲାଗି ୨ ଦିନ୍ ଭିତ୍‌ରେ ଅଭିଯୋଗ୍ ପୋର୍ଟାଲ୍ ଖୁଲାଯିବା । ବାଦ୍ ପଡ଼ିଥିବା ହିତାଧିକାରୀମାନେ

ପୋର୍ଟାଲ୍‌ଥି ଅଭିଯୋଗ୍ କରିକରି ଫେର୍‌ଥରେ ଯୋଜ୍‌ନାଥି ସାମିଲ୍ ହେଇପାର୍‌ବେ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

ରାଜ୍ୟ କେବିନେଟ୍                ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ଆଉ କିଛି ସମିଆ ଉତ୍‌ରୁ ରାଜ୍ୟ କେବିନେଟ୍‌ର  ବୈଠକ୍ ମୁଲ୍ ହେବା । ବୈଠକ୍‌ଥି ଉଚ୍ଚଶିକ୍ଷା, ପୂର୍ତ୍ତ, ଶିଳ୍ପ ଆଉ ପଂଚାୟତିରାଜ୍ ସହେତେ ଆଉ କେତେଟା ବିଭାଗ୍‌ର ପ୍ରସ୍ତାବ୍ ଉପ୍‌ରେ ଆଲୋଚନା ହେବା ବଲି ଜନାପଡ଼ିଛେ । ଆଗ୍‌କେ ବିଧାନ୍‌ସଭା ଅଧିବେଶନ୍ ଥିବାର୍‌ନୁ ଇତାକେ ନଜର୍‌ଥି ରଖିକରି କେବିନେଟ୍‌ଥି କେତେଟା ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇପାରେ ।

ନୂଆଁ ଅବକାରୀ ନୀତି            ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ଇ ମାସର୍ ଶେଷ୍ ବେଲ୍‌କେ ନୂଆଁ ଅବକାରୀ ନୀତି ଆନ୍‌ବେ ବଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍, ନୂଆଁ ଅବକାରୀ ନୀତି ଆନ୍‌ବାର୍

ଲାଗି ରାଜ୍ୟ ସର୍କାର୍ ପ୍ରସ୍ତୁତି ମୁଲ୍ କରିଦେଇଛନ୍ । ଦିନେ ଦୁଇଦିନ୍ ଭିତ୍ରେ ଇ ବାବ୍ଦେ ମୁଖ୍ୟମନ୍ତ୍ରୀଙ୍କର୍ ସଙ୍ଗେ ଆଲୋଚନା ହେବା । ୨ ଟା ରାଜ୍ୟକେ ଯାଇକରି ପ୍ରତିନିଧି ଦଲ୍ମାନେ ଅନୁଧ୍ୟାନ୍ କରିକରି ଫିରିଛନ୍ । ଆଉକିଛି ଦିନ୍ ଉତ୍ରୁ ନୀତି ନିର୍ଦ୍ଧାରଣ୍ କାମ୍ ଶେଷ୍ ହେବା ଆଉ ଖୋବ୍ ଜଲ୍ଦି ଇତାକେ ଉପସ୍ଥାପନ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ । ନୂଆଁ ନୀତିଥି ଚୁରାମଦ୍ ବିକ୍ରି ଉପ୍ରେ ରୋକ୍ ଲଗାଯିବା, ଚଢ଼ଉ ଜୋର୍ଦାର୍ କରାଯିବା । ଇତାର୍ସହେତେ ଅକ୍ଟୋବର୍ ୨ ତାରିଖ୍‌ନୁ ମାସେ ତକ୍ ' ନିଶା ନୁହେଁ ଜୀବନ' ସଚେତନତା ଅଭିଯାନ୍ ଚାଲ୍‌ବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ରାଜସ୍ୱ ବିଭାଗ୍‌ର ସମୀକ୍ଷା ଆର୍ଏନ୍ୟୁ/ କଟକ୍

ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ବଲାଙ୍ଗିର୍ ବନଖଣ୍ଡ ଅଧିକାରୀଙ୍କର୍ ସମ୍ମିଲନୀ କକ୍ଷ ନ ରାଜସ୍ୱ ବିଭାଗ୍‌ର ସମୀକ୍ଷା ବୈଠକ୍ କରିଛନ୍ । ଗରିବ୍ ଲୁକ୍‌କୁ ଜମି ବାଂଟ୍‌ବାର୍, ପିଇବାର୍ ପାଏନ୍, ଶିକ୍ଷା, ଯାତାୟାତ, ଜଙ୍ଗଲ୍ ଜମି, ଅବକାରୀ ଆଉ ଅଲ୍‌ଗା କେତେ ଜରୁରୀ ବିଷେ ଉପ୍ରେ ଶ୍ରୀ ପୂଜାରୀ ସମୀକ୍ଷା କରିଛନ୍ ।

ଫଂଚାୟତିରାଜ୍ ମନ୍ତ୍ରୀ-ଆବାସ ଯୋଜ୍‌ନା                ହି.ସ.

ଆବାସ ଯୋଜ୍‌ନାର୍ ଅଯୋଗ୍ୟ ହିତାଧିକାରୀମାନ୍‌କୁ କୃତିମ ବୁଦ୍ଧିମତା ଜରିଏ ଠାବ୍ କରାଯିବା ବଲି ଫଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍, ଆବାସ ଯୋଜ୍‌ନା କାର୍ଯ୍ୟକାରୀ କର୍‌ବାର୍ ସବୁ ବ୍ୟବସ୍ଥାକେ ସରଲ୍ ଆଉ ବ୍ୟବସ୍ଥିତ୍ କର୍‌ବାର୍ ଲାଗି କୃତିମ ବୁଦ୍ଧିମତା ବେଭାର୍ ମୁଲ୍ ହେଇଛେ । ଧନୀ ଶ୍ରେଣୀର୍ ଲୁକେ ଘର୍ ପାଇଥିଲେ ତାଙ୍କର୍ ବିରୋଧିଥି କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ସେନ୍ତା କାର୍ଯ୍ୟାଦେଶ୍ ପାଇକରି କାମ୍ ନାଇଁ କରିଥିଲେ ତାର୍ ଉପ୍‌ରେ ଭିଲ୍ ନଜର୍ ରଖାଯିବା । ଅଯୋଗ୍ୟ ମାନ୍‌କର୍ ଉପ୍‌ରେ କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ମାତରକ ଯୋଗ୍ୟ ହିତାଧିକାରୀମାନେ ତୁର୍‌ତି କାମ୍ ସାର୍‌ବାର୍ ଦିଗେ ଧ୍ୟାନ୍ ଦେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ନଗର ଉନ୍ନୟନ୍ ମନ୍ତ୍ରୀ-ସମୀକ୍ଷା        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଭୁବ୍ନେଶ୍ୱର୍ ଠାନେ ଆଏଜ୍ ବିଭାଗ୍ର କାମ୍ କାଜ୍ର ସମୀକ୍ଷା କରିଛନ୍ । ଇ ଅବ୍ସରେ ମନ୍ତ୍ରୀ ଶ୍ରୀ ମହାପାତ୍ର ଯୋଜ୍ନା ଅନ୍ସାରେ ତୁର୍ତି ପଦକ୍ଷେପ୍ ନେବାର୍ ସହେତେ ଧାରିଜ୍ ସମିଆ ଭିତ୍ରେ କାମ୍ ସବୁ ସାର୍ବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଯୋଜ୍ନା ଅନ୍ସାରେ ସହରାଂଚଲ୍ର ଅଭିବୃଦ୍ଧି, ସବୁଜ ସହର୍ ଆଉ ଉନ୍ନତ୍ ସେବା ଯୁଗେଇ ଦେବାର୍ ଉପ୍ରେ ମନ୍ତ୍ରୀ ଜୋର୍ ଦେଇଛନ୍ ।

ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ

ଆର୍ଏନ୍ୟୁ/ ସମ୍ବଲପୁର/ଭୁବ୍ନେଶ୍ୱର୍ ସମ୍ବାଦଦାତା

ଆତ୍ମହତ୍ୟା ବାଗିର୍ କଠୋର୍ ନିଷ୍ପତି ନେବାର୍ନୁ ଲୁକ୍କୁ ଦୂରେ ରଖ୍ବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ୍ ପାଲନ୍ କରାଯାଉଛେ । ଆତ୍ମହତ୍ୟା ରୁକ୍ବାର୍ ଆଉ ଇ ଦିଗେ ଲୁକ୍କୁ ସଚେତନ୍ କର୍ବାର୍ ଲାଗି ୨୦୦୩ ମସିହାନୁ ମିଳିତ ଜାତିସଂଘ ତର୍ଫୁ ଇ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଆତ୍ମହତ୍ୟା ନିବାରଣ୍ ଦିବସ୍ର ବିଷୟବସ୍ତୁ ରହିଛେ 'ଆତ୍ମହତ୍ୟାର୍ ମାନସିକତା ପରିବର୍ତନ୍ର ଦର୍କାର୍' ।

ଗଲାବଛର୍ ଠାନୁ ଆଏବା ବଛର୍‌ତକ୍ ଇ ବିଷେର୍ ଉପ୍‌ରେ ଭିନ୍ ଭିନ୍ ସଚେତନତା କାର୍ଯ୍ୟକ୍ରମ୍ ମାନ୍ କରାଯିବା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଆଉ ଅନ୍ତର୍ଜାତୀୟ ଆତ୍ମହତ୍ୟା ନିବାରଣ ସଂଘ ତର୍‌ଫୁ ୩ ବଛର୍ ଲାଗି ଇ ଅଭିଯାନ୍ ଚାଲିଛେ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ,
ଆତ୍ମହତ୍ୟା କେନ୍‌ସି ସମସ୍ୟାର୍ ସମାଧାନ୍‌ର ବାଟ୍ ନାଇଁସେ, ଇଟା ଗୁଟେ ଦୁର୍ବଲ୍ ମାନସିକତା ଆଏ । ଆତ୍ମହତ୍ୟା ନିବାରଣ୍ ଲାଗି ରାଜ୍ୟ ସର୍‌କାର୍ ସାରା ରାଏଜେ ଜୀବନ ଜିନ୍ଦାବାଦ୍ କାର୍ଯ୍ୟକ୍ରମ୍ ଆଏଜ୍ ମୁଲ୍ କରିଛନ୍ । ଆଝିରର୍ ଦିନେ ସମସ୍ୟାକେ ହରାମା ଆଉ ଜୀବନ୍‌କେ ଭଲ୍ ପାଏମା ବଲି ସଂକଳ୍ପ ନେବାର୍‌କେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଆହ୍ୱାନ୍ ଦେଇଛନ୍ ।

ଜୀବନ୍ ଜିନ୍ଦାବାଦ୍ ଅଭିଯାନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆତ୍ମହତ୍ୟା ରୁକ୍‌ବାର୍ ସହେତେ ଇ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ୍ ଅବ୍‌ସରେ ଆଏଜ୍ ଜୀବନ୍ ଜିନ୍ଦାବାଦ୍ ଅଭିଯାନ୍ ମୁଲ୍ ହେଇଛେ । ଭୁବ୍‌ନେଶ୍ୱର କଳିଙ୍ଗ

ଷ୍ଟାଡ଼ିୟମ୍ ଠାନେ ହେଇଥିବା ଶୁଭାରମ୍ଭ କାର୍ଯ୍ୟକ୍ରମ୍‌ଥି କ୍ରୀଡ଼ା, ଯୁବବ୍ୟାପାର୍ ଆଉ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଅଭିଯାନ୍‌ର ଶୁଭାରମ୍ଭ କରିଛନ୍ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା, ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ସହେତେ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ । ସୂଚ୍‌ନା ଅନ୍‌ସାରେ ଜୀବନ ଜିନ୍ଦାବାଦ୍ ଅଭିଯାନ୍ ଜରିଏ ଖାସ୍ କରି ଯୁଆନ୍ ପିଢ଼ିକେ ଆତ୍ମହତ୍ୟା ବାଗିର୍ କଠୋର୍ ପଦକ୍ଷେପ୍ ନାଇଁ ନେବାର୍ ବାବ୍‌ଦେ ସଚେତନ୍ କରାଯିବା ।

ଏକ୍ ପେଡ଼୍ ମା କେ ନାମ I&PR

ଏକ୍ ପେଡ଼୍ ମା କେ ନାମ୍ ଅଭିଯାନ୍‌ଥି ରାଜ୍ୟ ସର୍‌କାର୍ ଆଏବା ୧୭ ତାରିଖ୍ ଦିନ ୭୫ ଲାଖ୍ ଗଛ ଲଗାବାର୍‌କେ ଲକ୍ଷ୍ୟ ରଖିଛନ୍ । କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଇ ଅବ୍‌ସରେ ୨୩ ଲାଖ୍ ଗଛ୍ ଜଗାଯିବା । ଇ ବାବ୍‌ଦେ ବିଭାଗ୍ ଅଧୀନ୍‌ଥି ଥିବା ସବୁ କାର୍ଯ୍ୟାଳୟ ଆଉ ଚାରା ଉଦ୍ୟାନ୍‌ମାନ୍‌କୁ ଜନେଇ ଦିଆଯାଇଛେ ବଲି ବିଭାଗୀୟ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍ । ସେ କହିଛନ୍,

୨୩ ଲାଖ୍ ଗଛ୍ ଚାରା ମୃତିକା ସଂରକ୍ଷଣ୍ ଆର୍ ଉଦ୍ୟାନ୍ କୃଷି ନିର୍ଦ୍ଦେଶାଳୟ ତର୍ଫୁ ଯୁଗେଇ ଦିଆଯିବା ।

ତୀର୍ଥଯାତ୍ରା ଟ୍ରେନ I&PR

ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜ୍ନାଥି ୨୦୨୫-୨୬ ଆର୍ଥିକ୍ ବଛର୍ଥି ପହେଲା ତୀର୍ଥଯାତ୍ରା ଟ୍ରେନ୍ ଆଏଜ୍ ଭୁବ୍ନେଶ୍ୱର୍ ଠାନୁ ବାହାରିଛେ । ଭୁବ୍ନେଶ୍ୱର୍ ରେଲ୍ଷ୍ଟେସନ୍ନୁ ଦିନର୍ ୧୧ ବଜେ ଯାତ୍ରୀମାନ୍କୁ ଧରିକରି ଅଯୋଧ୍ୟା ବାରାଣାସୀକେ ଟ୍ରେନ୍ ଯାତ୍ରା କରିଛେ । ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ଯାତ୍ରାର୍ ଶୁଭାରମ୍ଭ କରିଛନ୍ । ଟ୍ରେନ୍ଥି ୬ ଟା ଜିଲ୍ଲାର୍ ୭ ଶହ ୭୫ ଝନ୍ ବରିଷ୍ଠ ନାଗରିକଙ୍କର୍ ସହେତେ ୨୫ ଝନ୍ ଅଧିକାରୀ ଯାତ୍ରା କରିଛନ୍ । ଆଏବା ମାସର୍ ୮ ତାରିଖ୍ ଆଉ ଡିସେମ୍ବର୍ ମାସର୍ ୫ ତାରିଖ୍ ସମ୍ବଲ୍ପୁର୍ନୁ ତୀର୍ଥଯାତ୍ରୀ ଟ୍ରେନ୍ ବାହାର୍ବା ।

ଜିଏସ୍ଟି ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍ ଭାରତ୍‌ର ଅର୍ଥନୀତିକେ ଆହୁରି ବର୍‌କସ୍ କର୍‌ବା ବଲି ବିଶେଷଜ୍ଞ ମାନେ ମତ ଦେଇଛନ୍ । ଦର୍‌ଦାମ୍ କମ୍ ହେବାର୍‌ନୁ ଲୁକ୍‌କର୍ ଘିନ୍‌ବାର୍ କ୍ଷମତା ବଢ଼ାବାର୍ ସହେତେ ବ୍ୟବସାୟ କ୍ଷେତ୍ରକେ ତୁର୍‌ତି କର୍‌ବା ବଲି କୁହାଯାଉଛେ । ଇ ବାବ୍‌ଦେ ସମ୍ବଲ୍‌ପୁର୍ ମହିଳା ମହାବିଦ୍ୟାଳୟ ଅର୍ଥନୀତି ଅଧ୍ୟାପକ ବଳବନ୍ତ ସାହୁ କହିଛନ....

(ଭଏସ୍ ଓଭର୍- ବଳବନ୍ତ ସାହୁ)

ତୀରନ୍ଦାଜ୍ ସଂଘ ଜିଲ୍ଲା କାର୍ଯ୍ୟାଳୟ ସମ୍ବଲପୁର

ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ଯୁଯୁମୁରା ଠାନେ ଜିଲ୍ଲା ତୀରନ୍ଦାଜ୍ ସଂଘର କାର୍ଯ୍ୟାଳୟ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ରେଢ଼ାଖୋଲ୍ ବିଧାୟକ୍ ଆଉ ବିରୋଧୀ ଦଲ୍‌ର୍ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଯୋଗ୍ ଦେଇକରି ନୂଆଁ କାର୍ଯ୍ୟାଳୟକେ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ତୀରନ୍ଦାଜ୍ ସଂଘର୍ ଜିଲ୍ଲା ସଭାପତି କିଶୋର୍ କୁମାର୍ ଦେହୁରୀଙ୍କର୍ ସହେତେ ଅଲ୍‌ଗାମାନେ ଉପସ୍ଥିତ୍ ଥିଲେ ।

ସାର କଳାବଜାର-ଚଢ଼ଉ I&PR

ସାର କଳାବଜାରୀ ଆଏତ୍ କର୍‌ବାର୍ ଲାଗି  ରାଜ୍ୟ ସର୍‌କାର୍ କଡ଼ା କାର୍ଯ୍ୟାନୁଷ୍ଠାନ୍ ନଉଛନ୍ । ଝାର୍‌ସୁଗୁଡ଼ା ଜିଲ୍ଲା କିର୍ମିରା ଠାନେ ୟୁରିଆ ସାର୍ କଳାବଜାର୍ ଅଭିଯୋଗ୍ ହେବାର୍ ଉତ୍‌ରୁ ଯୋଗାଣ ବିଭାଗ୍‌ର ପ୍ରବର୍ତନ୍ ଦଲ୍ ଚଢ଼ଉ କରିକରି ବେଆଇନ୍ ସାର୍ ଜବତ୍ କରିଛେ । କିର୍ମିରା ପେକ୍ସ ନ ବେଆଇନ୍ ସାର୍ ବିକ୍ରି ଚାଲିଥିବା ଚାଷୀମାନେ ଅଭିଯୋଗ୍ କରିଥିଲେ । ଯୋଗାଣ ବିଭାଗ୍ ଟିମ୍ ପୁହୁଁଚିକରି ତହସିଲ୍‌ଦାର୍‌ଙ୍କର୍ ଉପସ୍ଥିତିଥି ୨୬ ବସ୍ତା ସାର୍ ଜବତ୍ କରିଥିଲେ । ଘଟ୍‌ନାକେ ନେଇକରି ମାମ୍‌ଲା ଦାୟର୍ କରାଯାଇଛେ ।

ଦୁର୍ଗାପୂଜା-ସମନ୍ୱୟ କମିଟିର୍ ବୈଠକ    ସମ୍ବଲପୁର ସମ୍ବାଦଦାତା

ଦୁର୍ଗାପୂଜା ଆଉ ଦିଆଲି ଲାଗି ସମ୍ବଲ୍‌ପୁର୍ ନ ଶାନ୍ତି କମିଟି ଆଉ ସମନ୍ୱୟ କମିଟିର୍ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଆରକ୍ଷୀ ଅଧିକ୍ଷକ, ମହାନଗର୍ ନିଗମ୍ ଆୟୁକ୍ତ, ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଆଉ ଭିନ୍ ଭିନ୍ ପୂଜା

କମିଟିର୍ କର୍ମକର୍ତାମାନେ ଉପସ୍ଥିତ୍ ଥିଲେ । ଆଘର୍ ବଛର୍ ମାନ୍‌କର୍ ବାଗିର୍ ଶାନ୍ତି ଶୃଙ୍ଖଲାର୍ ସହେତେ ପୂଜା କର୍‌ବାର୍ ଲାଗି ବୈଠକ୍‌ଥି ଆଲୋଚନା ହେଇଥିଲା । ପୂଜା କମିଟିର୍ କର୍ମକର୍ତାମାନେ ନିଜର୍ ନିଜର୍ ଦାବି ରଖିବାର୍ ସହେତେ ରାସ୍ତା ମରାମତି କର୍‌ବାର୍ ଲାଗି କହିଥିଲେ ।

ସୈରେନ୍ଦ୍ରୀ ନାଏକ ଫୁଟ୍‌ବଲ୍ ପ୍ରତିଯୋଗିତା/ଆର୍‌ଏନ୍‌ୟୁ ସମ୍ବଲପୁର

ସମ୍ବଲ୍‌ପୁର୍ କାଇଁଶିର୍ ଖେଲ୍‌ପଡ଼ିଆ ନ ଚାଲିଥିବା ସୈରେନ୍ଦ୍ରୀ ନାଏକ ସ୍ମାରକୀ ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତାଥି ଆଏଜ୍ କାଇଁଶିର୍ ଉଚ୍ଚବିଦ୍ୟାଳୟ ଆର୍ ମୁଢ଼େନ୍‌ପାଲି ଉଚ୍ଚବିଦ୍ୟାଳୟ ଭିତ୍‌ରେ ମେଚ୍ ଖେଲାଯାଇଥିଲା । ଇଥି ଟାଇବ୍ରେକର୍ ଜରିଏ ୪/୨ ଗୋଲ୍‌ଥି ମୁଢ଼େନ୍‌ପାଲି ଉଚ୍ଚବିଦ୍ୟାଳୟ ଜିତିଛେ ।